**Publication:** Paryabekhyaka
**Date:** 15/08/2016
**Edition:** Bhubaneswar
**Page No:** 7
**Headline:** Bhubaneswar to host TCS IT Wiz 2016 on August 26

# ଅଗଷ୍ଟ ୨୬ରେ ଭୁବନେଶ୍ୱରରେ ହେବ ଟିସିଏସ୍ ଆଇଟି ୱିଜ୍ ୨୦୧୬

ଭୁବନେଶ୍ୱର,୧୪।୮: ପ୍ରମୁଖ ଆଇଟି ସର୍ଭିସେସ୍, କନ୍ସଲ୍ଟିଂ ଏବଂ ବ୍ୟବସାୟ ସମାଧାନକାରୀ ସଂସ୍ଥା, ଟାଟା କନ୍ସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ଘୋଷଣା କରିଛି ଯେ ଅଗଷ୍ଟ ୨୬ ତାରିଖ, ଶୁକ୍ରବାର, ଭୁବନେଶ୍ୱର ଜୟଦେବ ବିହାର ରୋଡସ୍ଥିତ ପାଲ୍ ହାଇଟ୍ସ, ହୋଟେଲରେ ଭୁବନେଶ୍ୱର ସଂସ୍କରଣ ଟିସିଏସ୍ ଆଇଟି ୱିଜ୍ ୨୦୧୬ ଅନୁଷ୍ଠିତ ହେବ। ଏଥିପାଇଁ କୌଣସି ଫି' ଦେବାକୁ ପଡ଼ିବ ନାହିଁ। ଅଷ୍ଟମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିପାରିବେ। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପ୍ରତି ଶିକ୍ଷାନୁଷ୍ଠାନ ୨ ସଦସ୍ୟ ବିଶିଷ୍ଟ ଏକାଧିକ ଟିମ୍ ପଠାଇ ପାରିବେ। ଟିସିଏସ୍ ଆଇଟି ୱିଜ୍-୨୦୧୬ ଭାରତର ୧୫ଟି ସ୍ଥାନ- ଅହମ୍ମଦାବାଦ୍, ବାଙ୍ଗାଲୋର, ଭୁବନେଶ୍ୱର, ଚେନ୍ନାଇ, କୋଏମ୍ବାଟୁର, ଦିଲ୍ଲୀ, ହାଇଦ୍ରାବାଦ୍, ଇନ୍ଦୋର, କୋଚି, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ପୁନେ ଓ ବିଶାଖାପାଟନମ୍‌ରେ ଅନୁଷ୍ଠିତ ହେଉଛି। ପ୍ରତିଯୋଗିତାରେ ଭାଗ ନେବା ପାଇଁ ଛାତ୍ରଛାତ୍ରୀଙ୍କୁ ନିଜ ଅନୁଷ୍ଠାନ ମାଧ୍ୟମରେ କାଳି ପ୍ରସାଦ ତ୍ରିପାଠୀ, ଟିସିଏସ୍ ଆଇଟି ୱିଜ୍ କୋଅର୍ଡିନେଟର, ଆଇଟି/ଆଇଟିଇଏସ୍ ଏସ୍ଇଜେଡ୍, ପ୍ଲଟ୍ ନମ୍ବର-୩୫, ଚନ୍ଦକା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ପଟିଆ, ଭୁବନେଶ୍ୱର-୭୫୧୦୨୪କୁ ଅଗଷ୍ଟ ୨୩ ସୁଦ୍ଧା ଆବେଦନ ପତ୍ର ପଠାଇବାକୁ ପଡ଼ିବ। ସବିଶେଷ ତଥ୍ୟ ଜାଣିବା ପାଇଁ ମୋବାଇଲ୍ ନମ୍ବର: ୯୨୩୮୩୦୧୯୫୦କୁ କଲ୍ ପାରିବେ ବା ଙଙଙ.ଶମଷ୍ୱସଷ୍ୱଙସଛ.ମକ୍ସଞ୍ଜ ମାଧ୍ୟମରେ ଅନ୍‌ଲାଇନ୍‌ରେ ପିକରଣ କରିପାରିବେ। କ୍ୱିଜ୍ ଫର୍ମାଟ୍: ଲିଖିତ ପ୍ରିଲିମିନାରୀ ପରୀକ୍ଷାର ଟପ୍ ୬ ଟିମ୍ ହିଁ ଆଞ୍ଚଳିକ ଫାଇନାଲ୍ ପାଇଁ ଉତ୍ତୀର୍ଣ୍ଣ ହୋଇପାରିବେ। ତେବେ ଯଦି କୌଣସି ବିଦ୍ୟାଳୟର ଏକାଧିକ ଦଳ ପ୍ରିଲିମିନାରୀ ଟପ୍ ୬ରେ ଥିବେ ସେମାନଙ୍କ ମଧ୍ୟରୁ ଉକ୍ତ ବିଦ୍ୟାଳୟର ସର୍ବାଧିକ ସ୍କୋର କରିଥିବା ଦଳକୁ ଷ୍ଟେଜ୍‌କୁ ଡକାଯିବ। ଆଞ୍ଚଳିକ ଦଳଗୁଡ଼ିକର ବିଜେତାମାନେ ଡିସେମ୍ବରରେ ହେବାକୁ ଥିବା ମେଗା ଫାଇନାଲ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ବିଜେତା ଟିମ୍ ଜଣେ ଲେଖାଏଁ ଏସ୍କର୍ଟ ସହ ମୁମ୍ବାଇକୁ ଉଡ଼ାଣ ଭରିବେ।ପୁରସ୍କାର: ଚଳିତ ବର୍ଷ ଟିସିଏସ୍ ଆଇଟି ୱିଜାର୍ଡ ଆଞ୍ଚଳିକ ଚାମ୍ପିଅନ୍‌ଙ୍କୁ ପ୍ରତ୍ୟେକ ଗୋଟିଏ ଲେଖାଏଁ ଆଇପ୍ୟାଡ୍ ଏୟାର ମିଳିବାକୁ ଥିବାବେଳେ ରନର୍ସ ଅପ୍ ଟିମ୍ ସଦସ୍ୟଙ୍କୁ ଆଇପ୍ୟାଡ୍ ମିନି ସମେତ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଟ୍ରଫି ଓ ମେଡାଲ ମିଳିବ। ୬ ଚୂଡ଼ାନ୍ତ ଦଳକୁ ଟିସିଏସ୍ ପକ୍ଷରୁ ହେଡ୍‌ସ୍ ପ୍ୟାକ୍, ସେଲ୍‌ଫି ଷ୍ଟିକ୍, ଇୟର ଫୋନ୍, ବ୍ଲୁଟୁଥ୍ ସ୍ପିକର୍ ଏବଂ ପେନ୍‌ଡ୍ରାଇଭ ମିଳିବ।ଟ୍ୱିଟ୍ କର୍' ଏବଂ ଜିତ୍': ଆଞ୍ଚଳିକ ଚୂଡ଼ାନ୍ତ ଦଳର ସବୁ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଏକ ଟ୍ୱିଟର୍ ପ୍ରତିଯୋଗିତା ହେବ। ଏହାର ସର୍ବାଧିକ ଟ୍ୱିଟ୍ ମାଧ୍ୟମରେ ହୋଇଥିବା ୨ ଜଣ ବିଜେତା ଗୋଟିଏ ବ୍ଲୁଟୁଥ୍ ସ୍ପିକର୍ ଏବଂ ଇୟରଫୋନ୍ ପାଇବେ। କ୍ୱିଜ୍‌ର ବିଷୟବସ୍ତୁ: କ୍ୱିଜ୍‌ରେ ପ୍ରଯୁକ୍ତି ବିଦ୍ୟା ଆପ୍ଲିକେସନ୍‌ର ବିଭିନ୍ନ କ୍ଷେତ୍ର ଯଥା- ଟେକ୍ନୋଲୋଜି ପରିବେଶ, ବ୍ୟବସାୟ, ବ୍ୟକ୍ତିବିଶେଷ, ନୂଆ ଟ୍ରେଣ୍ଡ ଓ ଲିଜେଣ୍ଡ ଉପରେ ଆଲୋକପାତ କରାଯିବ। ସେହିପରି କ୍ଲାଉଡ୍ କମ୍ପ୍ୟୁଟିଂ, ଟେଲିକମ୍, ବାୟୋମେଟ୍ରିକ୍ସ, ରୋବୋଟିକ୍ସ, ୱାର୍ଲ୍ଡ ଅଫ୍ ଇଣ୍ଟରନେଟ୍, ୟୁନିକ୍ ୱେବସାଇଟ୍, ଆଇଠି ବଜ୍‌ୱାର୍ଡ ଓ ଆକ୍ରୋନିମ୍ସ ଉପରେ ମଧ୍ୟ ପ୍ରଶ୍ନ ରହିବ।ସେହିପରି କ୍ୱିଜ୍‌ରେ ଆଇଟି ପ୍ରଭାବ ଥିବା- ଶିକ୍ଷା, ମନୋରଞ୍ଜନ, ପୁସ୍ତକ, ମଲ୍ଟିମିଡ଼ିଆ, ମ୍ୟୁଜିକ୍, ମୁଭି, ବ୍ୟାଙ୍କିଙ୍ଗ, ବିଜ୍ଞାପନ, ସ୍ପୋର୍ଟସ, ଗେମିଂ, ସୋସିଆଲ୍ ନେଟ୍‌ୱର୍କିଂ, ସେଲ୍ ଫୋନ୍ ଭଳି କ୍ଷେତ୍ର ଉପରେ ମଧ୍ୟ ପ୍ରଶ୍ନ କରାଯିବ।ଆଇଟି ପର୍ସନାଲିଟି- ଗ୍ଲୋବାଲ, ନ୍ୟାସନାଲ ଓ ଲୋକାଲ ବ୍ରାଣ୍ଡର ଆଇଟି ଓ କମ୍ୟୁନିକେସନ୍ କମ୍ପାନି, ସଫ୍ଟୱେର୍ ଉତ୍ପାଦ ଓ ବ୍ରାଣ୍ଡ, ଆଇଟି ଇତିହାସ ଉପରେ ମଧ୍ୟ ପ୍ରଶ୍ନ ଆସିବ।